# ଚିଠି ଆସିଛି ଲେଡିଜ ହଷ୍ଟେଲରୁ

ଚିଠି ଆସିଛିଲେଡିଜ ହଷ୍ଟେଲରୁ
ଚୁମ୍ବନ ନିଅ ପ୍ରତାରକ
ପ୍ରତିଶ୍ରୁତି ଥିଲା ବୋଲି
ଅନେଇ ବସି ଥିଲି
ଝର୍କା କଣେ କଣେ
ଲନ ଉପରେ
ଗେଟ ସାମ୍ନାରେ ।।୧

ଚିଠି ଆସିଛି ଲେଡିଜ ହଷ୍ଟେଲରୁ
ଚୁମକି ଠାର କରେ- 'ତୋସେ'
-ସତରେ
ତମ ଛୁଆଁ ଛୁଆଁ ଅଭିନୟଟା
ମୋ ଅସଂଜତ ରାତିର
ଅର୍ଦ୍ଧଦଗ୍ଧ ସ୍ୱପ୍ନପୁଞ୍ଜ
ପୁଣି ତକିଆ ତଳେ
କହି ହୁଏନା ।।୨

ଚିଠି ଆସିଛି ଲେଡିଜ ହଷ୍ଟେଲରୁ
ଅଜଣାତେ ଭାଙ୍ଗେ ଟେଷ୍ଟଟ୍ୟୁବ୍
କ୍ଲାସରେ ସାର୍‌ଙ୍କ ଗାଳି
ଚାଟିଖିଆଙ୍କ ତେରଛା ନଜର
ପ୍ରେମ ଈର୍ଷାର କଟୁରୀ
କାଟି ଦିଏ ବନ୍ଧୁତାର ସିଡି
ଖାସ୍ ତୁମ ପାଇଁ ।।୩

ଦିଗମ୍ବର ପାତ୍ର